




# ପୁନରାବୃତ୍ତି

କବି ରଘୁନାଥ ଦାସ

ବନ ଜନପଦେ କାହିଁ ତା ନିସ୍ତାର?

ବ୍ୟାଧ ଯେ ରହିଛି ଘେରି ଚଉପାଶେ;

ସେବେ ସେ ଲୁବ୍ଧକ ଥିଲା ହରିଣୀର-

ଏବେ ସେ ପ୍ରଲୁବ୍ଧ ମଣିଷର ମାଂସେ

ବଳିଷ୍ଠ ତା ବାହୁ, ଶକ୍ତ ମାଂସପେଶୀ,

ଧମନୀରେ ଧାଏଁ ରକ୍ତ ଲାଲେ ଲାଲ,

ଉଜ୍ଜ୍ୱଳ ଆନନେ ଜଳେ ଦୁଇଆଖି,

ଦୀପ୍ତମନ୍ତ କରି ପ୍ରଶାନ୍ତ କପାଳ ।

ଚଟକଳ ଚିପୁଡ଼ୁଛି ଶିରା ତାର,

ଲେଥେରେ ତା ଛାତି ହେଉଛି ତ ପିଟା,

ତା କଲିଜା କୁହୁଳୁଛି ଚିମିନିରେ,

କଳେ କଳେ ଜଳେ ତା ଜୀବନ ଚିତା ।

କଳକୁ ମାଲିକ, ଜମିକୁ ମାଲିକ,

ହାଡ କୁଢ଼ କୁଢ଼ ଅସଂଖ୍ୟ ବେକାର,

www.jataayu.org

# ପୁନରାବୃତ୍ତି

କବି ରଘୁନାଥ ଦାସ

ଗଡିଗଲେ ଚକେ ସଭ୍ୟତା ବର୍ବର,

ମଣିଷ କରୁଛି ମଣିଷ ଶିକାର ।

ସେବେ ଟାଣିଥିଲା ଦଉଡିଆ ପାଶ,

ଏବେ ସେ ପାତିଛି ଅର୍ଥନୀତି ଜାଲ;

ଖୋଲା ବଜାରରେ ନ ମିଳୁଛି କିଛି,

ଗଳିରେ ଖୁନ୍ଦିଛି ମନାଇଛା ମାଲ ।

ଶୋଷକ ସାଥିରେ ଶାସକ ଯେ ସହ୍ଲା,

ନିର୍ବାଚନ ଆଗୁଁ ଚାନ୍ଦା କୋଟି କୋଟି,

ବଜାର ତେଜିଲା, ଭୋଟର ଯେ ହେଲା-

ନୋଟରେ ଛନ୍ଦିଛି ଭୋଟରଙ୍କ ଚୁଟି ।

ସେବେ ବାନ୍ଧିଥିଲା ଚାରିଗୋଟା ଶ୍ୱାନ,

ଏବେ ତ ଅଛନ୍ତି ଦୃଢ଼ ମିଲିଟାରୀ,

ମଣିଷ ମାରଣେ ତାଲିମ ସେମାନେ,

ଝାଁପ ଦେବେ ଖାଲି ଆଖି ଦେଲେ ଠାରି ।

www.jataayu.org

# ପୁନରାବୃତ୍ତି

କବି ରଘୁନାଥ ଦାସ

ଏକପାଶେ ଥିଲା ଅଗ୍ନିର ବାରଣ

ଏବେ ତ ଜଳୁଛି ସମସ୍ୟା ବେକାରି;

ପେଟ ବିକଳରେ ମରେ ଛଟପଟ

ନାହିଁ ଧନ୍ଦାଫନ୍ଦା ନାହିଁ ଟି ଚାକିରି ।

ଦ୍ବାର ଜଗିଥିଲା ଧରି ଧନୁର୍ବାଣ;

ଆଜି ତା ହାତ ରେ କ୍ଷମତାର ଡୋର

ସହରେ ସହରେ ଚାଲିଛି ତ ଗୁଳି,

ଛନ୍ଦିବାକୁ ଅଛି ‘ ମିଶା’ ର ଶିକୁଳି ॥

www.jataayu.org